# ଏ ମାନସିକତାର ଅବସାନ କେବେ ?

୧୩/୧୧/୧୯୮୮

ଆମର ବିରୋଧୀ ଦଳର ନେତାସମ୍ମାନନୀୟ ବିଜୁବାବୁ ନିକଟ ଅତୀତରେ ଯେଉଁସବୁ ଆଚରଣ ପ୍ରଦର୍ଶନ କରିଛନ୍ତି ଏବଂ ଏହା ଯେଉଁ ପ୍ରକାର ମାନସିକତାର ପରିଚୟ ଦେଉଛି ତାହା ଆମକୁ ବିବ୍ରତ କରିଛି । ଜାତୀୟ ସ୍ତରରେ ଜନତା ଦଳ ଗଠନ ନେଇ ଏବଂ ସେଥିରେ ତାଙ୍କର ବ୍ୟକ୍ତିଗତ ଭୂମିକା ଏବଂ ସ୍ଥିତି ସମ୍ବନ୍ଧରେ ସନ୍ଦିହାନ ହୋଇ ବିଜୁବାବୁ ଆତଙ୍କିତ ଏବଂ ବିବ୍ରତ ହୋଇଥିବା ସ୍ୱାଭାବିକ । କିନ୍ତୁ ତାବୋଲି ଯେ ସେ ଏପରି ଆଚରଣ ପ୍ରଦର୍ଶନ କରିବେ ଏହା ତାଙ୍କପରି ଅଭିଜ୍ଞ, ବୟୋଜ୍ୟେଷ୍ଠ ଏବଂ ଲୋକପ୍ରିୟ ଜନନେତାଙ୍କ ପକ୍ଷେ ଆଦୌ ଶୋଭନୀୟ କିମ୍ବା ସ୍ପୃହଣୀୟ ହେଉନାହିଁ । ଆମେ ବିଜୁବାବୁ ଏବଂ ତାଙ୍କର କନିଷ୍ଠ ସହକର୍ମୀମାନଙ୍କ 'ଇନ୍ଦିରାପାର୍କ' ସମ୍ପର୍କିତ ବିବୃତି ଏବଂ ଗତ ୧୧ ତାରିଖରେ ସେ ନିଜେ ଡାକିଥିବା ଏକ ସାମ୍ବାଦିକ ସମ୍ମିଳନୀରେ ଯେଉଁ ଅଭିଯୋଗ ଆଣିଛନ୍ତି ସେ ବିଷୟରେ ଉଲ୍ଲେଖ କରୁଛୁ ।

ଭୁବନେଶ୍ୱରର ପ୍ୟାରେଡ ପଡ଼ିଆକୁ ଇନ୍ଦିରା ଗାନ୍ଧୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ପ୍ରତିମୂର୍ତ୍ତି ସହିତ ଏକ ମନୋରମ ଉଦ୍ୟାନରେ ପରିଣତ କରିବା ନିଷ୍ପତ୍ତି ଦଳମତ ନିର୍ବିଶେଷରେ ସମସ୍ତେ ସ୍ୱାଗତ କରିବେ । ଶ୍ରୀମତୀ ଗାନ୍ଧୀଙ୍କ ପରି ଜଣେ ଶହୀଦଙ୍କ ସ୍ମୃତିରକ୍ଷା କେବଳ ଏକ ଜାତୀୟକର୍ତ୍ତବ୍ୟ ନୁହେଁ ଯେକୌଣସି ଗଣତାନ୍ତ୍ରିକ ସଭ୍ୟରାଷ୍ଟ୍ର ପାଇଁ ଏକ ଉନ୍ନତ ମୂଲ୍ୟବୋଧର ପରିଚୟ ମଧ୍ୟ । ତା'ଛଡ଼ା ରାଜଧାନୀ ଭୁବନେଶ୍ୱରରେ ଯେଉଁମାନେ ଗତ ୩୦।୪୦ ବର୍ଷ ଧରି ରହିଛନ୍ତି ଏବଂ ଯେଉଁମାନେ ଆସନ୍ତା ୩୦।୪୦ ବର୍ଷ ଧରି ରହିବା ପାଇଁ ଯୋଜନା କରୁଛନ୍ତି ସେମାନେ ସମସ୍ତେ ମୁକ୍ତକଣ୍ଠରେ ସ୍ୱୀକାର କରିବେ ଯେ ସହରର ମୁଖ୍ୟ ଅଞ୍ଚଳରେ ଏପରି ଏକ ବ୍ୟବସ୍ଥିତ ସବୁଜିମାର ଆବଶ୍ୟକତା ଆବାଳ ବୃଦ୍ଧବନିତା ସମସ୍ତଙ୍କ ପାଇଁ ରହିଥିଲା । ଅସୁବିଧା କେବଳ ବୋଧହୁଏ ଗୋଟିଏ ଗୋଷ୍ଠୀର ହେଉଛି, ଯେଉଁମାନେ ଅପରାହ୍ନରେ ସଚିବାଳୟ ଏବଂ ମୁଖ୍ୟକାର୍ଯ୍ୟାଳୟ ଗୁଡ଼ିକର ଛୁଟି ହେବା ସମୟର ଅଯଥା ସୁଯୋଗ ନେଇ ପ୍ୟାରେଡ଼ ପଡ଼ିଆରେ ଡାକବାଜି ଯନ୍ତ୍ର ବଜାଇ ଏକ ଅନାହୂତ ଓ ଅହେତୁକ ସମାବେଶର ସଙ୍ଗଠକ ସାଜିଥାନ୍ତି । ଏ ଆଭିମୁଖ୍ୟ ଉଭୟ ବିରୋଧୀ ଏବଂ ସରକାରୀ ଦଳ ପ୍ରତି ସମ ପରିମାଣରେ ପ୍ରଯୋଜ୍ୟ । 'ଇନ୍ଦିରା ପାର୍କ' ହେବା ଦ୍ୱାରା ସବୁଦିନ ପାଇଁ ଆମେମାନେ ଏ ଗୋଷ୍ଠୀର ଅତ୍ୟାଚାରରୁ ମୁକ୍ତହେଲୁ ବୋଲି କହିବାକୁ ପଡ଼ିବ ।

ସେହିପରି ଗତ ୧୧ ତାରିଖରେ ଏକ ସାମ୍ବାଦିକ ସମ୍ମିଳନୀ ଡକାଇ ଅକ୍ଟୋବର ୩୧ ତାରିଖର ଉତ୍ସବରେ ଘଟିଯାଇଥିବା ଅଶୋଭନୀୟ ଘଟଣାର ଉଲ୍ଲେଖ କରିବା ବିଜୁବାବୁଙ୍କର ଅନୁରୂପ ରୁଗ୍‌ଣ ମାନସିକତାର ପରିଚୟ ଦେଉଛି । ୩୧ ତାରିଖରେ ଶହଶହ ସ୍କୁଲଛାତ୍ରଛାତ୍ରୀ ସେଠାରେ ଏକତ୍ରିତ ହୋଇଥିବା ହଜାର ହଜାର ଦର୍ଶକଙ୍କ ଉପସ୍ଥିତିରେ ଅସାମାଜିକ ବ୍ୟକ୍ତିଙ୍କର ବଳାତ୍କାରର ଶିକାର ହେଲେ

## ଆମଘରର ହାଲଚାଲ

ସୌମ୍ୟରଞ୍ଜନ ପଟ୍ଟନାୟକ

ଏବଂ ପୋଲିସ ଓ ଉଚ୍ଚକର୍ତ୍ତୃପକ୍ଷ ନୀରବଦର୍ଶକ ସାଜିଲେ– ଏକଥା ବିଶ୍ୱାସଯୋଗ୍ୟ ହେଉନାହିଁ । ତେବେ ଆମର ବିରୋଧୀ ଦଳର ସମ୍ମାନନୀୟନେତା ଯେତେବେଳେ ଅଭିଯୋଗ କରୁଛନ୍ତି ସେ ବିଷୟ ଯେତେ ଅବିଶ୍ୱାସ୍ୟ ହେଲେ ମଧ୍ୟ ବାରମ୍ବାର ଚିନ୍ତା କରିବା ପାଇଁ ବାଧ୍ୟ ହେଉଛୁ । ଖୋଦ୍ ରାଜଧାନୀର ମୁଖ୍ୟାଞ୍ଚଳରେ ପ୍ରଧାନମନ୍ତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଥିବା ଦିବାଲୋକପରି ଆଲୋକସଜ୍ଜାରେ ଏଡ଼େବଡ଼ ଅଶୋଭନୀୟ ଦୁର୍ଘଟଣା ଘଟିଗଲା, କେହି ଜାଣିପାରିଲେ ନାହିଁ ? କେବଳ କେତେଜଣ ଅତି ଅଭି- ସନ୍ଧିସ୍ତୁ ସାମ୍ବାଦିକବନ୍ଧୁ ଏବଂ ଆମର ପ୍ରିୟ ବିରୋଧୀଦଳ ନେତା ସପ୍ତାହରୁ ଊର୍ଦ୍ଧ୍ୱକାଳ ଅନୁସନ୍ଧାନ ପରେ ଜାଣିବାକୁ ପାଇଲେ, ଏହାମଧ୍ୟ ବିଶ୍ୱାସଯୋଗ୍ୟ ହେଉନାହିଁ । ଏପ୍ରକାର ହୀନ ଆଚରଣ ଫଳରେ ଭାଙ୍ଗିପଡ଼ିଥିବା ନିରୀହ ଛାତ୍ରଛାତ୍ରୀଙ୍କର ଅସହାୟ ଅଭିଭାବକମାନେ ଆଉ କାହାକୁ ବୋଧହୁଏ ପାଇଲେ ନାହିଁ, ଏହି ଜଘନ୍ୟ ଘଟଣା ବିଷୟରେ କହିବା ପାଇଁ । କେବଳ ବିଜୁବାବୁଙ୍କୁ ଭରସି କହିବାକୁ ଉଚିତ ମଣିଲେ ଏବଂ ଘନଘନ ଟେଲିଫୋନ୍ କରି ତାଙ୍କର ଦୃଷ୍ଟି ଆକର୍ଷଣ କଲେ–ଏହା ମଧ୍ୟ ସାଧାରଣରେ ବିଶ୍ୱାସଯୋଗ୍ୟ ହେଉନାହିଁ ।

ସବୁଠାରୁ ପରିତାପର ବିଷୟ ଏହି ଯେ ସେଠି କେବଳ କେତେଜଣ ସାମ୍ବାଦିକ ବନ୍ଧୁ ଯେ ଉପସ୍ଥିତ ଥିଲେ ତା'ନୁହେଁ, ହଜାର ହଜାର ଉଚ୍ଚପଦସ୍ଥ ସରକାରୀ କର୍ମଚାରୀ, ଉତ୍ସାହିତ ଅଭିଭାବକ ଏବଂ ପାର୍କବାହାରେ ଗେଟ୍‌ପାଶ୍ ପାଇ ନଥିବା ଅଗଣିତ ଦର୍ଶକ୍,। ଏମାନେ ସମସ୍ତେ ପ୍ରଧାନମନ୍ତ୍ରୀ ସଭାସ୍ଥଳ ଛାଡ଼ିଯିବା ପରେ ସେଠାରେ ବହୁସମୟ ପର୍ଯ୍ୟନ୍ତ ଉପସ୍ଥିତ ଥିଲେ । ଭିଡ଼ ଜମିଥିଲା ଏବଂ ରାତ୍ରିର ବିଳମ୍ବିତ ପ୍ରହର ପର୍ଯ୍ୟନ୍ତ ମଧ୍ୟ ଜନତାର ସ୍ରୁଅ ପାର୍କ ମଧ୍ୟକୁ ଛୁଟିଥିଲା । ଏସବୁ ସତ୍ତ୍ୱେ କେତେବେଳେ କିପରି ଏବଂ କେଉଁ ସାହସରେ ଆମେ ସବୁ ଓଡ଼ିଆଏ ଆମର ଛୋଟ ପୁଅଝିଅ ଓ ଭାଇଭଉଣୀ ମାନଙ୍କ ପ୍ରତି ଏପରି ବଳାତ୍କାର କଲୁ ? ଯେଉଁ ମାନସିକତାରେ ଏବଂ ଯେଉଁ ଉଦ୍ଦେଶ୍ୟ ରଖି ଏ ବଳାତ୍କାର ଅଭିଯୋଗର କଳ୍ପନା କରୁଛୁ ତାକୁ ଦୂର କରିବ କିଏ ? ଏ ପ୍ରଶ୍ନ ଆଜି ଆମକୁ ଅଧିକ ବିବ୍ରତ କରୁଛି । ଏହା ଓଡ଼ିଶାର ଅତି ନିଜ କଥା । ସେ ବିଷୟରେ ଅଧିକ ଆଲୋଚନା ପାଇଁ ଲାଜ ଲାଗୁଛି ।